# Akashvani, Sambalpur

## SAMBALPURI NEWS EVENING BULLETIN

## 21 May 2025- 7.02 pm- 7.12 pm.

*********************************************

୧- ଦେଶର୍ ଶହେ ୩ ଟା ଅମୃତ୍ ଭାରତ୍ ରେଲ୍‌ଷ୍ଟେସନ୍‌କେ ଆଏବା କାଏଲ୍ ଉଦ୍‌ଘାଟନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ପ୍ରଧାନ୍‌ମନ୍ତ୍ରୀ ଜନ୍‌ମନ୍ ଯୋଜ୍‌ନାର୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୩- ଚନ୍ଦ୍ରଯାନ୍ ୪ ଆଉ ୫ ଲାଗି ମୁଲ୍ ହେଇଛେ ପ୍ରକ୍ରିୟା- ସୂଚ୍‌ନା ଦେଲେ ଇସ୍ରୋ ଅଧ୍ୟକ୍ଷ ।

୪- ବାହାର୍‌ଲା ଯୁକ୍ତ ଦୁଇ ପରୀକ୍ଷାଫଲ୍- ରାଏଜେ ମୋଟ୍ ପାସ୍ ହାର ୮୨ ଦଶ୍‌ମିକ୍ ୭/୭ ପ୍ରତିଶତ୍ ।

ଆଉର୍

୫- ମହିଳା ସର୍‌କାରୀ କର୍ମଚାରୀମାନ୍‌କର୍ ମାତୃତ୍ୱ ଛୁଟି ଲାଗି ନିୟମ୍ ଥିର୍ କଲେ ରାଜ୍ୟ ସର୍‌କାର୍ ।

ଅମୃତ୍ ଷ୍ଟେସନ୍  ଶୁଭାରମ୍ଭ            ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ଦେଶର୍ ଶହେ ୩ ଟା ରେଲ୍‌ଷ୍ଟେସନ୍‌ର ପୁର୍ନବିକାଶ୍ କାମ୍‌କେ ଉଦ୍‌ଘାଟନ୍ କର୍‌ବେ । ୧୧ ଶହ କୋଟି ନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରାଯାଇକରି ୧୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍ ନ ଇ ଅମୃତ ଷ୍ଟେସନ୍‌ମାନ୍‌କର୍ ଶୁଭାରମ୍ଭ ହେବା । ଆଏବା କାଏଲ୍ ଦିନର୍ ସାଢ଼େ ୧୧ ବଜେ ରାଜସ୍ଥାନ୍ ର ବିକାନେର୍ ଠାନେ ପ୍ରଧାନ୍‌ମନ୍ତ୍ରୀ ଅମୃତ୍ ଷ୍ଟେସନ୍ ମାନ୍‌କର୍ ଶୁଭାରମ୍ଭ କର୍‌ବାର୍ ସହେତେ ବିକାନେର୍- ମୁମ୍ବାଇ ଏକ୍ସପ୍ରେସ୍ ଟ୍ରେନ୍‌ର ଭିଲ୍ ଶୁଭାରମ୍ଭ୍ କର୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ବିକାନେର୍ ପଲାନା ଠାନେ ୨୬ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ ।

ପଂଚାୟତ୍ ସମିତି ପଦ୍-ଉପ ନିର୍ବାଚନ            I&PR

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଖାଲିଥିବା ୪୩ ଟା ସର୍‌ପଂଚ୍, ୪୦ ଟା ପଂଚାୟତ୍ ସମିତି, ୫ ଟା ଜିଲ୍ଲା ପରିଷଦ୍, ୧ ହଜାର୍

୪୩ ଟା ୱାର୍ଡ଼ମେମ୍ବର୍ ପଦ୍ ଲାଗି ଆଏବା ଜୁନ୍ ୨୨ ନୁ ୨୫ ତାରିଖ୍ ତକ୍ ହେବାର୍‌କେ ଥିବା ଉପନିର୍ବାଚନ୍‌କେ ରାଜ୍ୟ ନିର୍ବାଚନ୍ ଆୟୋଗ୍ ଆଏଜ୍ ସ୍ଥଗିତ୍ ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ଗଣମାଧ୍ୟମ୍‌କେ ଆୟୋଗର୍ ସଚିବ ସୂଚ୍‌ନା ଦେଇକରି କହିଛନ୍, ଇ ବଛର୍ ଜଲ୍‌ଦି ମୌସୁମୀ ବାୟୁ ରାଜ୍ୟକେ ପୁହୁଁଚୁଛେ । ହେଥିର୍‌ଲାଗି ୨୨ ତାରିଖ୍ ଭୋଟ୍ କରାଗଲେ ଭୋଟର୍ ମାନେ ଅସୁବିଧା ଭୁଗ୍‌ବେ ଆଉ ନିର୍ବାଚନ୍ ପ୍ରକ୍ରିୟା ବାଧା ହେଇପାରେ ବଲି ଜିଲ୍ଲା ପ୍ରଶାସନ୍ ମାନ୍‌କର୍ ପରାମର୍ଶ ଆଉ ପାଣିପାଗ୍ ବିଭାଗ୍‌ର ପୂର୍ବାନୁମାନ୍‌କେ ଆଧାର୍ କରିକରି ନିର୍ବାଚନ୍ ସ୍ଥଗିତ୍ ରଖାଯାଇଛେ । ମୌସୁମୀ ଋତୁ ସର୍‌ଲା ଉତ୍‌ରୁ ଉପ ନିର୍ବାଚନ୍ ଲାଗି ଫେର୍‌ଘାଏ ତାରିଖ୍ ଘୋଷ୍‌ନା କରାଯିବା ବଲି ନିର୍ବାଚନ୍ ଆୟୋଗର ତରଫୁ କୁହାଯାଇଛେ ।

ପିଏମ୍ ଜନମନ ଯୋଜ୍‌ନା-ମୁଖ୍ୟମନ୍ତ୍ରୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ରାଏଜେ କାର୍ଯ୍ୟକାରୀ ହେଉଥିବା ପିଏମ୍ ଜନମନ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ୧୪ ଟା ଜିଲ୍ଲା ର୍ ଦୁର୍ଗମ୍ ଇଲାକାମାନ୍‌କେ

ଚାଲିଥିବା ଇ ଯୋଜ୍‌ନାର୍ ଅଗ୍ରଗତି ସଚିବମାନେ ନିଜେ ଯାଇକରି ତଦାରଖ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ୨୦୨୬ ବଛର୍ ଶେଷ୍‌ବେଲ୍‌ତକ୍ ୪୫ ହଜାର୍ ୪ ଶହ ୮ ଟା ଘର୍, ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ୨ ଶହ କିଲୋମିଟର୍ ପକ୍କା ସଡ଼କ୍, ୧ ହଜାର୍ ୬ ଶହ ୪୬ ଟା ଗାଁକେ ପାଇପ୍‌ଥି ପାଏନ୍ ଯୁଗାବାର୍, ୩ ଶହ ୫୧ ଟା ଇଲାକା ନ ମୋବାଇଲ ଟାୱାର୍ ଲଗାବାର୍, ୪ ଶହ ୫ ଟା ଇଲାକା ନ ଛାତ୍ରଛାତ୍ରୀମାନ୍‌କର୍ ଲାଗି ହଷ୍ଟେଲ୍ ତିଆରି ଆର୍ ୬୪ ଟା ବହୁମୁଖୀ କେନ୍ଦ୍ର ବନାବାର୍‌କେ ଲକ୍ଷ୍ୟ ରଖାଯାଇଛେ । ସବୁ କାମ୍ ଠିକ୍ ସମିଆଥି ସାର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

## ମୁଖ୍ୟମନ୍ତ୍ରୀ ସମୀକ୍ଷା- ମହିଳା ଶିଶୁବିକାଶ୍ ବିଭାଗ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଅଙ୍ଗନବାଡ଼ି ମାନ୍‌କେ ଚାଲିଥିବା ‘ଆମେ ପଢ଼ିବା ଆମ ଭାଷାରେ’ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ସେନ୍ତା ବିଭାଗ୍ ତର୍‌ଫୁ ଆଗ୍‌କେ କାର୍ଯ୍ୟକାରୀ ହେବାର୍‌କେ ଥିବା

'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍ନା' ବାବ୍‌ଦେ ଭିଲ୍ ସମୀକ୍ଷା କରିଛନ୍ । ରାଏଜେ ଇହାଦେ ୧୫ ଟା ଜିଲ୍ଲାର୍ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ସାନ୍ତାଳି, ଓରାମ୍, କୋୟା, ମୁଣ୍ଡା, କୁଇ, ଯୁଆଙ୍ଗ ବାଗିର୍ ୧୭ ଟା ଆଂଚଲିକ୍ ଭାଷାଥି ଛୁଆମାନ୍‌କୁ ପାଠ୍ ପଢ଼ାଯାଉଛେ । ଛୁଆମାନ୍‌କୁ ଛୋଟ୍ ସମିଆନୁ ହିଁ ନିଜର ମାତୃଭାଷାଥି ପାଠ୍‌ପଢ଼ାଲେ ତାଙ୍କର୍ ଆତ୍ମବିଶ୍ୱାସ୍ ବଢ଼୍‌ବାର୍ ସହେତେ ଭବିଷ୍ୟତ୍‌ଥି ପାଠ୍ ପଢ଼୍‌ବାର୍ ଲାଗି ତହଁକ୍ ହେଇପାରବା ବଲି ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଅଧିକାରୀ ମାନ୍‌କୁ ପରାମର୍ଶ ଦେଇଛନ୍ । ସେନ୍ତା କନ୍ୟା ବିବାହ ଯୋଜ୍ନାଥି ବିଧବା ଝିଅମାନ୍‌କୁ ଭିଲ୍ ସାମିଲ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଜୋର୍ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ ।

ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୩ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ଇସ୍ରୋ ଅଧ୍ୟକ୍ଷ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚନ୍ଦ୍ରଯାନ୍ ୪ ଆଉ ୫ ଲାଗି କାମ୍ ମୁଲ୍ ହେଇଯାଇଛେ ବଲି ଭାରତୀୟ ମହାକାଶ୍ ଗବେଷଣା ପ୍ରତିଷ୍ଠାନ୍- ଇସ୍ରୋର ଅଧ୍ୟକ୍ଷ ଡକ୍ଟର୍ ଭି. ନାରାୟଣନ୍ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଡକ୍ଟର୍ ନାରାୟଣ୍ କହିଛନ୍, ଚନ୍ଦ୍ରଯାନ୍-୪ ଚନ୍ଦ୍ରପୃଷ୍ଠନୁ ଭିନ୍ ଭିନ୍ ନମୁନା ଧରିକରି ପୁର୍‌ଥିକେ ଫିର୍‌ବା । ଇଟା ଭାରତ୍‌ର ପହେଲା ଚନ୍ଦ୍ର ନୁ ଫିର୍‌ବାର୍ ଅଭିଯାନ୍ ହେବା । ତାର୍ ଉତ୍‌ରୁ ଜାପାନ୍ ସାଙ୍ଗେ ମିଶିକରି ଚନ୍ଦ୍ରଯାନ୍-୫ ଚନ୍ଦ୍ରକେ ପଠାଯିବା । ଇତାର୍‌ସହେତେ ଭାରତ୍ ମହାକାଶ୍ ନ ନିଜର୍ ସ୍ପେଶ୍ ଷ୍ଟେସନ୍ ଥାପ୍‌ନା କର୍‌ବାର୍‌କେ ଭିଲ୍ ଯୋଜ୍‌ନା କରିଛେ ବଲି ଡକ୍ଟର୍ ନାରୟଣନ୍ କହିଛନ୍ । ସେ ଆହୁରି

କହିଛନ୍, ଅପରେସନ୍ ସିନ୍ଦୁର୍‌ରୁ ଭାରତ୍‌ର ସୁରକ୍ଷା ବ୍ୟବସ୍ଥାକେ ୫୬ ଟା ଉପଗ୍ରହ ମହାକାଶ୍‌ନୁ ନଜର୍ ରଖିଥିଲା ।

+୨ ପରୀକ୍ଷାଫଲ୍          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍‌ଏସ୍‌ଇ ପରିଚାଲିତ୍ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ପାଠ୍ୟକ୍ରମ୍‌ର ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ରାଏଜେ ପାସ୍ ହାର ୮୨ ଦଶ୍‌ମିକ୍ ୭/୭ ରହିଥିଲା ବେଲେ ବିଜ୍ଞାନ୍‌ଥି ୮୭ ଦଶ୍‌ମିକ୍ ୪/୯, କଳାଥି ୮୦ ଦଶ୍‌ମିକ୍ ୫/୧, ବାଣିଜ୍ୟଥି ୮୩ ଦଶ୍‌ମିକ୍ ଶୂନ୍/୨ ଆର୍ ଧନ୍ଦାମୂଳକ୍ ଶିକ୍ଷାଥି ପାସ୍ ହାର ୬୦ ଦଶ୍‌ମିକ୍ ୫/୭ ପ୍ରତିଶତ୍ ରହିଛେ । ୩ ଲାଖ୍ ୮୨ ହଜାର୍ ୭ ଶହ ୨୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଲେ ୩ ଲାଖ୍ ୧୬ ହଜାର୍ ୭ ଶହ ୮୭ ଝନ୍ ପାସ୍ କରିଛନ୍ । ପରୀକ୍ଷାଥି ପିଲାମାନ୍‌କର୍‌ନୁ ଟୁକେଲ୍‌ମାନେ ଭଲ୍ ପ୍ରଦର୍ଶନ୍ କରିଛନ୍ । ପରିଷଦ୍‌ର ଭୁବ୍‌ନେଶ୍ୱର୍ କାର୍ଯ୍ୟାଳୟ ଠାନେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷା ଫଲାଫଲ୍ ପୁସ୍ତିକା ଉନ୍ମୋଚନ୍ କରିକରି କହିଛନ୍,

(ଭଏସ୍ ଓଭର୍- ଗଣଶିକ୍ଷା ମନ୍ତ୍ରୀ)

ମାତୃତ୍ୱ ଛୁଟି I&PR

ରାଜ୍ୟ ମହିଲା ସର୍କାରୀ କର୍ମଚାରୀ ମାନ୍କର୍ ମାତୃତ୍ୱ ଛୁଟିକେ ନେଇକରି ଥିବା ସମସ୍ୟା ଦୂର୍ କରିକରି ଇ ବାବଦ୍ ପ୍ରସ୍ତାବ୍କେ ମୁଖ୍ୟମନ୍ତ୍ରୀ ଅନୁମୋଦନ୍ କରିଛନ୍ । ପ୍ରସ୍ତାବ୍ ଅନ୍ସାରେ ମହିଲା କର୍ମଚାରୀମାନେ ଶହେ ୮୦ ଦିନର୍ ମାତୃତ୍ୱ ଛୁଟି ନେଇପାର୍ବେ । ପ୍ରସବ ତାରିଖ୍ର ୩ ମାସର୍ ଆଘୋନୁ ନାହେଲେ ତାରିଖ୍ର ୬ ମାସ୍ ଭିତ୍ରେ ମହିଲାମାନେ ଏକାସାଙ୍ଗେ ହେଉ କି ଖେପ୍ ଖେପ୍ କରି ଇ ଛୁଟି ନେଇପାର୍ବେ । ମହିଲା କର୍ମଚାରୀମାନେ ଛୁଆ ଜନମ୍ ସମିଆ ବେଲ୍କେ ସର୍କାରୀ ସେବାଥି ନାଇଁଥିଲେ, ମାତରକ ପଛେ ଯୋଗ୍ ଦେଲେ ଭିଲ୍ ମାତୃତ୍ୱ ଛୁଟି ନେଇପାର୍ବେ । ସେନ୍ତା ଗର୍ଭପାତ, ଜନମ୍ ଛୁଆର୍ ମୃତ୍ୟୁ କି ମଲା ଛୁଆ ଜନମ୍ ହେଲେ ଭିଲ୍ ଛୁଟି ନେଇପାର୍ବେ । ହେଲେ କେନ୍ସି ଭିଲ୍ ସ୍ୱୀକୃତି ପାଇଥିବା ଡାକ୍ତର୍ଖାନାମାନ୍କେ ପ୍ରସବ ହେଇଥିବାର୍ କଥା ବଲି ପ୍ରସ୍ତାବ୍ଥି ସ୍ୱଷ୍ଟ କରାଯାଇଛେ ।

ଅମିତାଭ୍ କାନ୍ତ- ସମ୍ବଲ୍ପୁର୍ ସମ୍ବଲପୁର ସମ୍ବାଦଦାତା

ଭାରତ୍‌ର ବିକାଶ୍‌ଥି ପଶ୍ଚିମ ଓଡ଼ିଶାର୍ ଯୋଗଦାନ୍ କେତ୍‌ନିକେତେ ରହିଛେ ବଲି ଜି-ଟ୍ୱେଂଟି ସେର୍ପା ଆର୍ ନୀତି ଆୟୋଗ୍‌ର ଆଘର୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ୍ କାନ୍ତ କହିଛନ୍ । ବୁର୍ଲା ଏମ୍‌ସିଏଲ୍ ଠାନେ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ କରିକରି ଶ୍ରୀ କାନ୍ତ କହିଛନ୍, କୁଇଲା, ଖଣି, ଆଲୁମିନିୟମ୍ ବାଗିର୍ କ୍ଷେତ୍ରଥି ଦେଶର୍ ବିକାଶ୍ ଦିଗେ ପଶ୍ଚିମ ଓଡ଼ିଶାର୍ ଯୋଗଦାନ୍ ବହୁତ୍‌ଟେ ଅଛେ । ସେଥିର୍‌ଲାଗି ଇ ଇଲାକାର୍ ବିକାଶ୍ ଜରୁରୀ ଆଏ । ଦେଶ୍ ବିଦେଶ୍‌ନୁ ଆସୁଥିବା ଷ୍ଟାର୍ଟଅପ୍, ଇକୋ ସିଷ୍ଟମ୍ କେନ୍ତାକରି ଇନ ପ୍ରୟୋଗ୍ କରାଯାଇପାର୍‌ବା, ସେ ବାବ୍‌ଦେ ଶ୍ରୀ କାନ୍ତ ଜୋର୍ ଦେଇଛନ୍ । ହୀରାକୁଦ୍ ଠାନେ ଭାଷମାନ୍ ସୌର୍ ପ୍ରକଳ୍ପ ଜରିଏ ସବୁଜ ଶକ୍ତି ଉତ୍ପାଦନ୍‌ର ବଡ଼ ସୁଯୋଗ୍ ରହିଛେ ବଲି ଶ୍ରୀ କାନ୍ତ କହିଛନ୍ ।
(ଭଏସ୍ ଓଭର୍-ଅମିତାଭ୍ କାନ୍ତ)

ଛାତ୍ର ସଂସଦ୍ ନିର୍ବାଚନ୍          ଆର୍‌ଏନ୍‌ୟୁ/କଟକ୍

ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟ ମାନ୍‌କେ ଛାତ୍ରସଂସଦ୍ ନିର୍ବାଚନ୍ କର୍‌ବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ତିୟାରି ମୁଲ୍ ହେଇଯାଇଛେ । ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ

ସୂରଜ୍ଙ୍କର୍ ସୂଚ୍ନା ଅନ୍ସାରେ ଦଶ୍ରା ଆଘୋନୁ ଛାତ୍ରସଂସଦ୍ ନିର୍ବାଚନ୍ ହେବାର୍ ପୁରା ସମ୍ଭାବନା ରହିଛେ । ଇଥିର୍ଲାଗି ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍କେ ଠିକ୍ ସମିଆଥି ନିର୍ବାଚନ୍ ସାର୍ବାର୍ ଲାଗି ଚେରେଷ୍ଟା ଜାରି ରହିଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ । ସୂଚ୍ନା ଅନ୍ସାରେ କୋଭିଡ୍ ଆଉ କେତେଟା ଶିକ୍ଷାନୁଷ୍ଠାନ୍ ନ ନିର୍ବାଚନ୍ ବେଲ୍କେ ବିଶୃଙ୍ଖଲା ହେଇଥିବାର୍ନୁ ଛାତ୍ରସଂସଦ୍ ନିର୍ବାଚନ୍ ବନ୍ଦ୍ ରହିଛେ ।

ଡାଲୁଆ ଧାନ୍ ଘିନା ନୂଆପଡ଼ା ସମ୍ବାଦଦାତା

ଖଡ଼ିଆଲ୍ ନିୟନ୍ତ୍ରିତ ବଜାର୍ କମିଟି ପାଖେ ଆଏଜ୍ ଡାଲୁଆ ଧାନ୍ ଘିନ୍ବାର୍ ଲାଗି ମଣ୍ଡି ଉଦ୍ଘାଟନ୍ ହେଇଛେ । ସମବାୟ ସମିତି ସଭାପତି କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମଣ୍ଡିକେ ଉଦ୍ଘାଟନ୍ କରିଛନ୍ । ଆଏଜ୍ ପହେଲା ଦିନେ ଖଡ଼ିଆଲ୍ ମଣ୍ଡି ନ ୬ ଝନ୍ ଚାଷୀ ୪ ଶହ କ୍ୱିଂଟାଲ୍ନୁ ଅଏତ୍କା ଧାନ୍ ବିକ୍ବାର୍ ଲାଗି ଆନିଥିଲେ ।

ପରିବେଶ୍ ନିୟନ୍ତ୍ରଣ୍ ସମିତିର୍ ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଠାନେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ପରିବେଶ୍ ନିୟନ୍ତ୍ରଣ୍ ସମିତିର୍ ବୈଠକ୍ ହେଇଯାଇଛେ । ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ୍ ବଲାଙ୍ଗିର୍ ଶାଖାର୍ ଆଂଚଲିକ୍ ଅଧିକାରୀଙ୍କର୍ ଦେଖିରେଖି ହେଇଥିବା ବୈଠକ୍ଥି ଜଙ୍ଗଲ୍ ବିଭାଗ୍ ଅଧିକାରୀ ଆର୍ କର୍ମଚାରୀମାନେ ଯୋଗ୍ ଦେଇକରି ଜିଲ୍ଲାର୍ ମାଟି, ପାଣି, ପବନ୍ ଆର୍ ପ୍ରଦୂଷଣ୍କେ ରୁକ୍ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ଦେବ୍ଗଡ଼୍ -ନିଯୁକ୍ତି ପତ୍ର         ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ୍ କାର୍ଯ୍ୟାଳୟ ତର୍ଫୁ ସ୍ମାର୍ଟ ଫୋନ୍ ଆସେମ୍ବ୍ଲି ଟ୍ରେନିଂଥି ସଫଳ ଥିବା ୧୫ ଯୁଆନ୍ ଟୁକେଲ୍ମାନ୍କୁ ନିଯୁକ୍ତିପତ୍ର ଦିଆଯାଇଛେ । ଗଲା ୩ ମାସ୍ ହେଲା ଇ ଟୁକେଲ୍ମାନେ ଦେବ୍ଗଡ଼୍ ଦକ୍ଷତା ବିକାଶ୍ କେନ୍ଦ୍ର ନ ତାଲିମ୍ ନେଉଥିଲେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୪ /୫ ଦିନ୍ ଭିତ୍‌ରେ ମୌସୁମୀ ବାୟୁ କେରଳ ପୁହୁଁଚିପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାାଗ ନ ଘଡ଼୍‌ଘଡ଼ି ସଙ୍ଗେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ନୂଆପଡ଼ା, ବଲାଙ୍ଗିର୍ ସହେତେ ୧୬ ଟା ଜିଲ୍ଲାକେ ଜବର୍ ଧୁକାଗର୍ଡ଼ି ଲାଗି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।